# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 June – 2026**

***********************************

## ମୁଖ୍ୟ ସମ୍ବାଦ

- ସୋମନାଥ ମନ୍ଦିର ଆକ୍ରମଣର ଏକ ହଜାର ବର୍ଷ ଏବଂ ଏହାର ପୁନଃ ପ୍ରତିଷ୍ଠାର ୭୫ ବର୍ଷ ଅପୂର୍ବ ସଂଯୋଗ ବୋଲି କହିଲେ ମୁଖ୍ୟମନ୍ତ୍ରୀ

– ୧୧ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜ୍ୟୋର୍ତିଲିଙ୍ଗ ଦର୍ଶନ ରେଳଯାତ୍ରାର କଲେ ଶୁଭାରମ୍ଭ

- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପୂର୍ବରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ ହେଲା ସପ୍ତାହେବ୍ୟାପୀ ଯୋଗ ମହୋତ୍ସବ

- ଆସନ୍ତା ଗୁରୁବାରଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିବା ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା

ଏବଂ

- ଆଗାମୀ ଖରିଫ ଋତୁ ଫସଲ ପାଇଁ ପ୍ରସ୍ତୁତି, ମୌସୁମୀ ବର୍ଷା ଏବଂ ଏଲ୍ ନିନୋ ପ୍ରଭାବର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ସୋମନାଥ ସ୍ୱାଭିମାନ ପର୍ବ

ଇତିହାସର ଦୁଇ ପ୍ରମୁଖ ମାଇଲଖୁଣ୍ଟ ସୋମନାଥ ମନ୍ଦିରକୁ ଆକ୍ରମଣର ଏକ ହଜାର ବର୍ଷ ଏବଂ ଏହାର ପୁନଃ ପ୍ରତିଷ୍ଠାର ୭୫ ବର୍ଷର ଅପୂର୍ବ ସଂଯୋଗ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଭୁବନେଶ୍ୱରଠାରେ  ପତାକା ଦେଖାଇ ୧୧ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ନେଉଥିବା ସ୍ୱତନ୍ତ୍ର ଟ୍ରେନ୍‌ର ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି,

**- V/O -**

ପବିତ୍ର ବିନ୍ଦୁସାଗରର ଜଳ, କେଦାରଗୌରୀ ମନ୍ଦିର ପ୍ରାଙ୍ଗଣର ମୃତ୍ତିକାକୁ ସଂଗ୍ରହ କରାଯାଇ ପବିତ୍ର ସୋମନାଥ ଜ୍ୟୋର୍ତିଲିଙ୍ଗରେ ସମର୍ପିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଏହି ସବୁ ପବିତ୍ରସ୍ଥଳୀର ମାଟି ଓଡ଼ିଶା ଓ ସୋମନାଥ ମଧ୍ୟରେ ଆଧ୍ୟାତ୍ମିକ ସେତୁ ପ୍ରତିଷ୍ଠା କରିପାରିଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଯୋଗଦିବସ

ଅନ୍ତର୍ଜାତୀୟ ଯୋଗଦିବସ-୨୦୨୬କୁ ବିଶ୍ୱ ଦରବାରରେ ଏକ ସାର୍ବଜନୀନ ଆନ୍ଦୋଳନରେ ପରିଣତ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଏକ ଉଲ୍ଲେଖନୀୟ ଅବଦାନ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଆସନ୍ତା ୨୧ ତାରିଖରେ ଆନ୍ତର୍ଜାତୀୟ ଯୋଗ ମହୋତ୍ସବ ପାଳନ ହେବ। ମହୋତ୍ସବର ଅବ୍ୟବହିତ ପୂର୍ବରୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଯୋଗ ମହୋତ୍ସବ ସମିତିର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହେବ୍ୟାପୀ ଯୋଗ ମହୋତ୍ସବ ସମାରୋହର ଶୁଭାରମ୍ଭ କରାଯାଇଛି। ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ପ୍ରେରଣାଦାୟୀ ଯୋଗ ମହୋତ୍ସବର ଦୃଷ୍ଟିକୋଣକୁ ଆଗେଇ ନେବା ପାଇଁ ସପ୍ତାହେବ୍ୟାପୀ ଯୋଗର ଆୟୋଜନ କରାଯାଇଛି। କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଓ ଓଡ଼ିଶା ଯୋଗ ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳ ଓ ସୀମାନ୍ତ ଅଞ୍ଚଳର ଲୋକମାନଙ୍କ ନିକଟରେ ଯୋଗ ପ୍ରଶିକ୍ଷଣ ପହଁଞ୍ଚାଇବା ନେଇ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଅନଲାଇନ୍ ଜରିଆରେ ଏକ ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ସିଧାସଳଖ ଯୋଡ଼ି ଚଳିତ ଦ୍ୱାଦଶ ଆନ୍ତର୍ଜାତୀୟ ଯୋଗ ମହୋତ୍ସବକୁ ଗିନିଶ ବିଶ୍ୱ

ରେକର୍ଡ ବୁକ୍‌ରେ ସ୍ଥାନିତ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

Desk

# ସ୍କୁଲ ଛୁଟି

ରାଜ୍ୟରେ ଗ୍ରୀଷ୍ମ ଛୁଟି ପରେ ଆସନ୍ତା ୧୮ ତାରିଖ ଦିନ ସ୍କୁଲ ଖୋଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସେ କହିଛନ୍ତି, ରାଜ୍ୟରେ ମୌସୁମୀ ପ୍ରବାହ ଆରମ୍ଭ ହୋଇଥିବାରୁ ପାଗ ଅପେକ୍ଷାକୃତ ଭାବେ ଥଣ୍ଡା ରହିଛି । ଆସନ୍ତା ଗୁରୁବାର ବେଳକୁ ଯଦି ଗ୍ରୀଷ୍ମ ପ୍ରବାହ ହ୍ରାସ ପାଇନଥିବ' ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

**- V/O –**

I&PR

# ଗରିମା ଯୋଜନା

ରାଜ୍ୟ ସରକାର ସଫେଇ କର୍ମଚାରୀଙ୍କର ସୁରକ୍ଷା, ମର୍ଯ୍ୟଦା ଏବଂ ସାମଗ୍ରୀକ କଲ୍ୟାଣ ନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି । 'ଗରିମା' ଯୋଜନାରେ  ସଫେଇ କର୍ମଚାରୀଙ୍କ ସୁରକ୍ଷା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ବିଭାଗୀୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏହି ଶ୍ରେଣୀର କର୍ମଚାରୀମାନଙ୍କ ପାଇଁ କଲ୍ୟାଣକାରୀ ସେବା, ଅଭିଯୋଗ ନିରାକରଣ

ଏବଂ ସୂଚନା ସହାୟତା ସହଜରେ ଉପଲବ୍ଧ କରିବା ନେଇ ଗରିମା ହେଲ୍ପ ଲାଇନ୍ ନମ୍ବର –୧୪୪୨୦ କାର୍ଯ୍ୟକ୍ଷମ ରହିଛି ।

I&PR

## ଏଲ୍ ନିନୋ

ଖରିଫ ଫସଲ ଋତୁ-୨୦୨୬ ପ୍ରସ୍ତୁତି ସମେତ ଦକ୍ଷିଣ–ପଶ୍ଚିମ ମୌସୁମୀ ବର୍ଷାର ସ୍ଥିତି, ଆକଳନ ଏବଂ ଏଲ୍ ନିନୋ ଜନିତ ସମ୍ଭାବ୍ୟ ପ୍ରଭାବର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରୁ ପ୍ରସ୍ତୁତି ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି । ଏଲ୍ ନିନୋ ହେଉଛି ମହାସାଗରୀୟ ଜଳର ତାପମାତ୍ରା ବୃଦ୍ଧି ଯୋଗୁଁ ସୃଷ୍ଟ ଏକ ଜଳବାୟୁ ଜନିତ ଘଟଣା । ଯାହା ବିଶ୍ୱସ୍ତରରେ ପାଣିପାଗ ଓ ବର୍ଷାର ପରିମାଣକୁ ପ୍ରଭାବିତ କରିଥାଏ ଏବଂ ଦେଶରେ ମୌସୁମୀ ବର୍ଷା ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁସାରେ ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବରେ ଦେଶରେ ସ୍ୱାଭାବିକ ଠାରୁ କିଛି ପରିମାଣର କମ୍ ବର୍ଷା ହେବ । ଏଲ୍ ନିନୋ ପ୍ରଭାବରେ ରାଜ୍ୟରେ ସ୍ୱଳ୍ପ ବର୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁସାରେ ୧୯୯୪ ଏଲ୍ ନିନୋ ବର୍ଷରେ ରାଜ୍ୟରେ ସ୍ୱାଭାବିକଠାରୁ ୩୨ ପ୍ରତିଶତ ଅଧିକ ବର୍ଷା ହୋଇଥିଲା । ଓଡ଼ିଶାରେ ବର୍ଷା

ଋତୁରେ ସ୍ୱାଭାବିକ ବର୍ଷାର ପରିମାଣ ୧ ହଜାର ୧୫୦ ମିଲିମିଟର ରହିଥାଏ ।

Desk

# ବରିଷ୍ଠ ନାଗରିକ ସୁରକ୍ଷା ଦିବସ

ବରିଷ୍ଠ ନାଗରିକଙ୍କ ବିରୋଧରେ ନିର୍ଯାତନା ଏବଂ ଅବହେଳାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ନିରୋଧ ସଚେତନତା ଦିବସ ପାଳନ କରାଯାଉଛି । ସମାଜରେ କ୍ରମବର୍ଦ୍ଧିଷ୍ଣୁ ବରିଷ୍ଠମାନେ ନିଃସଙ୍ଗ, ଉପେକ୍ଷିତ ଓ ନିର୍ଯାତିତ ହେଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- 'ସମସ୍ୟାର ସରଳ ସ୍ୱୀକୃତିକୁ ଅତିକ୍ରମ କରିବା ଏବଂ କାର୍ଯ୍ୟକ୍ଷମ, ପଦ୍ଧତିଗତ ସମାଧାନ ପାଇଁ ଗୁରୁତ୍ୱ ପ୍ରଦାନ କରିବା'। ବରିଷ୍ଠମାନଙ୍କୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଆଯାଉଥିବା ନିର୍ଯାତନାକୁ ପ୍ରତିହତ କରି ସେମାନଙ୍କର ପରିବାର ଜ୍ଞାତିକୁଟୁମ୍ବ ଓ ସାମାଜିକ ମୂଲ୍ୟବୋଧରେ ବଞ୍ଚିବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୟାସ କରାଯାଉଛି ।

Malkangiri

## ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି ଜିଲ୍ଲାର ପଡ଼ିଆଥାନା ଅନ୍ତର୍ଗତ ସିଲାକୋଟା, ପେରଓ୍ୱାଇ ଓ କେସ୍‌କାଗୁଡ଼ା ଗ୍ରାମ ଜଙ୍ଗଲରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ସ୍ଥାନୀୟ ପୁଲିସ ପକ୍ଷରୁ

ମାଟିରେ ପୋତା ଯାଇଥିବା ତିନୋଟି ଷ୍ଟେନ କାରବାଇନ୍, ଗୋଟିଏ ପିସ୍ତଲ, ତିନୋଟି ଟିଫିନ୍ ବୋମା, ୫୩ଟି ଗୁଳି ସମେତ ମୋଟ ୨୯ ପ୍ରକାରର ବିଭିନ୍ନ ସାମଗ୍ରୀ ଉଦ୍ଧାର କରାଯାଇଛି। ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏହାକୁ ପୁଲିସର ଏକ ବଡ଼ ସଫଳତା ବୋଲି କହିଛନ୍ତି।

I&PR

## ଖୋର୍ଦ୍ଧା ଜିଲ୍ଲା ସେବା ପ୍ରଦାନ

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ଯୋଗାଇ ଦେବା ନେଇ ଗୁରୁତ୍ୱ ଦିଆଯାଇଛି। ସୂଚନା ଅନୁସାରେ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ, ଅଗ୍ନିଶମ, ପେଟ୍ରୋଲ, ଡିଜେଲ ଅଭାବରୁ  ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ବିଭିନ୍ନ ସେବା ବିଭାଗର ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

Nayagarh

## ଭଞ୍ଜ ଜୟନ୍ତୀ ଉତ୍ସବ

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର ପୀଠ ମାଳିସାହିଠାରେ ରାଜ୍ୟସ୍ତରୀୟ ଭଞ୍ଜ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।  ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।

Boudh

## ରକ୍ତ ସଂଗ୍ରହ ଯୋଜନା

ବୌଦ୍ଧ ଜିଲ୍ଲା ପାଇଁ ଆବଶ୍ୟକ ବାର୍ଷିକ ୬ ହଜାର ୟୁନିଟ୍ ରକ୍ତ ସଂଗ୍ରହ ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି । ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲ୍ଲରେ ୧ ଶହ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି ।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ସ୍ପର୍ଶ କରିଛି ।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ପାଗ ଅନୁକୂଳ ରହିଥିବାରୁ ଆଜି ରାଜ୍ୟର ଆଉ କେତେକ ଅଞ୍ଚଳକୁ ମୌସୁମୀ ଛୁଇଁଛି । ଆସନ୍ତା ୪ ରୁ ୫ ଦିନ ମଧ୍ୟରେ ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ । ବାଲେଶ୍ୱର, ରାୟଗଡ଼ା, କେଉଁଝର, ମୟୂରଭଞ୍ଜ, କୋରାପୁଟ, ଗଜପତି ଜିଲ୍ଲାରେ ଆଜି ବିଜୁଳି, ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ରହିଛି ।